## ସଂକ୍ଷେପରେ

### ୨୭ରୁ ପାରଳାଖେମୁଣ୍ଡିରେ ଭିଜିଲାନ୍ସର କ୍ୟାମ୍ପ କୋର୍ଟ

**ବ୍ରହ୍ମପୁର ଅଫିସ,୨୨।୧**-ଗଜପତି ଜିଲା ପାରଳାଖେମୁଣ୍ଡି ସ୍ଥିତ ନୂତନ କୋଠାରେ ଆସନ୍ତା ୨୭,୨୮ ତାରିଖ ଦୁଇଦିନ ଧରି ବ୍ରହ୍ମପୁର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଦୁଇଦିନିଆ କ୍ୟାମ୍ପ କୋର୍ଟ କରିବା ପାଇଁ ଦିନଧାର୍ଯ୍ୟ କରିଥିବା ଜଣାଯାଇଛି। ଗତ ୧୦ବର୍ଷର ପୁରୁଣା ମାମଲାଗୁଡ଼ିକର ବିଚାର କରାଯିବ। ସାକ୍ଷୀମାନେ ପାରଳାଖେମୁଣ୍ଡି ଅଞ୍ଚଳର ହୋଇଥିବା ଯୋଗୁ ପଡ଼ିରହିଥିବା ମାମଲା ଗୁଡ଼ିକର ତୁରନ୍ତ ଫଇସଲା ପାଇଁ ଏହି ଦୁଇଦିନିଆ କ୍ୟାମ୍ପ କୋର୍ଟରେ ବିଚାର ହେବ ବୋଲି ସ୍ୱତନ୍ତ୍ର ପିପି ତପନ କୁମାର ଦାଶ ସୂଚନା ଦେଇଛନ୍ତି।

### ମଣ୍ଡଳ କାରାଗାରରେ ଆଇନ ସଚେତନତା

**ବ୍ରହ୍ମପୁର ଅଫିସ,୨୨।୧**-ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍ଏସ୍ଏ) ତରଫରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ଅଲ୍ପନା ସ୍ୱାଇଁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ସୁଦାମ ପାଣିଗ୍ରାହୀ, ପ୍ରାଧିକରଣ ତରଫରୁ ଆଇନଜୀବୀ ଟି.କେ ରେଡ୍ଡି, ସ୍ୱପ୍ନାରାଣୀ ପାଢ଼ୀ, ମଣ୍ଡଳ କାରାଗାର ବରିଷ୍ଠ ଅଧୀକ୍ଷକ ଗରିବ ସାହୁ, ଜେଲର୍ ଶଶିକାନ୍ତ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଅନ୍ତେବାସୀଙ୍କୁ ସେମାନଙ୍କ ଅଧିକାର ଓ ବିଭିନ୍ନ ଆଇନ ସହାୟତା ସେବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଯୋଗ ଦେଇଥିଲେ।

### ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

#### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

**ବ୍ରହ୍ମପୁର ଅଫିସ,୨୨।୧**-ଆୟବହର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଲିଙ୍ଗରାଜ ଲ' କଲେଜରେ ଠିକା ଭାବେ କାମ କରୁଥିବା ଟାଇପିଷ୍ଟ ପ୍ରଶାନ୍ତ କୁମାର ନାୟକ ଗିରଫ ହୋଇ ଜେଲ ଯାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ତାଙ୍କୁ ଜାମିନ ମିଳିଛି। ହାଇକୋର୍ଟ ନିର୍ଦ୍ଦେଶ ଆଧାରରେ ଶୁକ୍ରବାର ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ପ୍ରକାଶ ଯେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ ଚଢ଼ାଉ କରି ପ୍ରଶାନ୍ତଙ୍କ ୧ କୋଟି ୪୪ ଲକ୍ଷ ୯୨ ହଜାର ୪୬୪ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଥିଲା। ଯାହାର ହିସାବ ପ୍ରଶାନ୍ତ ଦେଇପାରି ନ ଥିଲେ। ଭିଜିଲାନ୍ସ ତାଙ୍କୁ ମାମଲା ନମ୍ବର ନଂ.୩୦/୨୦ ଅନୁସାରେ ଗତ ଡିସେମ୍ବର ୩୧ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ସ୍ୱତନ୍ତ୍ର ଭିଜିଲାନ୍ସ ପ୍ରଶାନ୍ତଙ୍କ ଜାମିନ ଆବେଦନ ଖାରଜ କରି ଦେଇଥିଲେ। ଶେଷରେ ସେ ଉଚ୍ଚ ନ୍ୟାୟାଳୟରେ ଜାମିନ ପାଇଁ ଓକିଲଙ୍କ ଜରିଆରେ ଆବେଦନ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ପ୍ରଶାନ୍ତଙ୍କୁ ଜାମିନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଦୁଲାଙ୍କ ପକ୍ଷରୁ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

### ଦ୍ୱିତୀୟ ସେମିଫାଇନାଲ୍‌ରେ ଚାଟୁଳା ବିଜୟୀ

#### କାହ୍ନୁଚରଣ ତ୍ରିପାଠୀ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ

**ଆସିକା,୨୨।୧(ଡି.ଏନ୍.ଏ.)**- ଆସିକା ଏନ୍ଏସି ତାଲୁକା ଛକଠାରେ ଚାଲିଥିବା କାହ୍ନୁଚରଣ ତ୍ରିପାଠୀ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ଶୁକ୍ରବାର ଚାଟୁଳାର ବାବା ପାତାଳେଶ୍ୱର ଟିମ୍ ଓ ହିଞ୍ଜିଳି ଇଗଲ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଚାଟୁଳା ଦଳ ବିଜୟୀ ହୋଇ ଫାଇନାଲ୍‌କୁ ଯାଇଛି। ଟସ୍ ଜିଣି ହିଞ୍ଜିଳି ବୋଲିଂ ନିଷ୍ପତ୍ତି ନେଇଥିଲା। ଚାଟୁଳା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୨୬୨ ରନ୍ କରିଥିଲେ। ଜବାବରେ ହିଞ୍ଜିଳି ଦଳ ୨୦ ଓଭରରେ ୯ ଉଇକେଟ୍ ହରାଇ ୨୬୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ହିଞ୍ଜିଳି ଦଳର ଲୁଇସ୍ ୩୩ ବଲ୍‌ରେ ୯୫ ରନ୍ ସହ ଗୋଟିଏ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଆଲୋକ ମୁନି, ସୁନିଲ୍ ବିଶ୍ୱାଳ, ଉତ୍ତମ ସ୍ୱାଇଁ, ସତ୍ୟ ପ୍ରଧାନ ଓ ତ୍ରିଲୋଚନ ପାତ୍ର। ରବିବାର ଫାଇନାଲ୍ ମ୍ୟାଚ୍ ଭଞ୍ଜନଗର ବ୍ୟାଘ୍ରଦେବୀ କ୍ରିକେଟ୍ ଟିମ୍ ଓ ଚାଟୁଳା ମଧ୍ୟରେ ଖେଳାଯିବ।

# ବାଲ୍ୟବିବାହ ସୂଚନା ଦେଲେ ୫ ହଜାର ପୁରସ୍କାର

**ଛତ୍ରପୁର,୨୨।୧(ଡି.ଏନ୍.ଏ.)**



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଗଞ୍ଜାମ ଜିଲା ନିର୍ଭୟକଢି ଟାସ୍କଫୋର୍ସ କମିଟି ବୈଠକ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଗାଁରେ ବାଲ୍ୟବିବାହ ହେଲେ ସ୍ଥାନୀୟ ସ୍କୁଲ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀ କିଭଳି ଜାଣିପାରୁନାହାନ୍ତି ବୋଲି ଜିଲାପାଳ ପ୍ରଶ୍ନ କରିଥିଲେ। ଏଣିକି ବାଲ୍ୟବିବାହ ହେଲେ ଶିକ୍ଷକମାନେ ଦାୟୀ ରହିବେ ବୋଲି ଜିଲାପାଳ କହିଛନ୍ତି। ପ୍ରତି ସପ୍ତାହରେ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଏଏନ୍ଏମ୍‌ମାନଙ୍କୁ ନେଇ ନିର୍ଭୟ କଢି ବୈଠକ କରାଯିବ। ଏଥିରେ ବାଳିକାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ, ପରିବାରର କ'ଣ ସମସ୍ୟା ରହିଛି, ବାଲ୍ୟ ବିବାହ କିଭଳି ରୋକାଯାଇପାରିବ ତାହା ଆଲୋଚନା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାଲ୍ୟବିବାହ କରୁଥିବା ପୁରୋହିତଙ୍କ ନାଁରେ ସ୍ଥାନୀୟ ଥାନାରେ ଏତଲା ଦିଆଯିବ। ବିବାହ ବେଳେ ଅଙ୍ଗନୱାଡି କର୍ମୀ ଓ ପୁରୋହିତ ଉଭୟ ବରକନ୍ୟାଙ୍କ ଆଧାର କାର୍ଡ ଦେଖିବା ବାଧ୍ୟତାମୂଳକ। ବର ବୟସ ୨୧ ଓ କନ୍ୟା ବୟସ ୧୮ ହେବା ଜରୁରୀ। ଉପଜିଲାପାଳମାନେ ଏଣିକି ଏହାର ଅନୁଧ୍ୟାନ କରିବେ। ଅନ୍ୟପକ୍ଷରେ ବାଲ୍ୟ ବିବାହ ସମ୍ପର୍କରେ କେହି ଖବର ଦେଲେ ୫ ହଜାର ଟଙ୍କା ପୁରସ୍କାର ମିଳିବ। ଅଙ୍ଗନୱାଡି କର୍ମୀ ମଧ୍ୟ ଏହି ପୁରସ୍କାର ପାଇପାରିବେ ବୋଲି ଜିଲାପାଳ ଘୋଷଣା କରିଛନ୍ତି।

ବର୍ତ୍ତମାନ ସୁଦ୍ଧା ଜିଲାର ୧୦୩୨ ଗାଁ ଓ ସହରାଞ୍ଚଳର ୧୪୦ ୱାର୍ଡ ବାଲ୍ୟବିବାହ ମୁକ୍ତ ଘୋଷଣା ହୋଇଛି। ଜୁଲାଇ ଶେଷସୁଦ୍ଧା ଗଞ୍ଜାମ ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

- **ଜୁଲାଇ ସୁଦ୍ଧା ବାଲ୍ୟ ବିବାହମୁକ୍ତ ଗଞ୍ଜାମ ଲକ୍ଷ୍ୟ**
- **ବିବାହ କରାଇଥିବା ପୁରୋହିତଙ୍କ ନାଁରେ ହେବ ଏତଲା**

ବାଲ୍ୟବିବାହ ନେଇ ଜିଲାରେ ୧୪ଟି ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ ହୋଇଛି। ବାଲ୍ୟ ବିବାହ ସମ୍ପର୍କରେ ୧୦ଟି ଏତଲା ଥାନାରେ ଦିଆଯାଇଥିବାବେଳେ ୧୧ ମାମଲା ସିଡବ୍ଲ୍ୟୁସିକୁ ହସ୍ତାନ୍ତର ହୋଇଛି। ୨୦୧୭ରେ ୨୪ ବାଲ୍ୟ ବିବାହ ରୋକାଯାଇଥିବା ବେଳେ ୨୦୧୮ରେ ୨୨, ୨୦୧୯ରେ ୪୫ ଓ ୨୦୨୦ରେ ୨୨୮ ବାଲ୍ୟ ବିବାହ ରୋକାଯାଇଥିବା ସୂଚନା ମିଳିଛି। ବୈଠକରେ ବ୍ରହ୍ମପୁର ଉପଜିଲାପାଳ, ସିଡବ୍ଲ୍ୟୁସି ମେମ୍ବର ସିଏଚ୍ ଜ୍ୟୋତି, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ସୁନ୍ଦରୀ ମଲ୍ଲିକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଅରୁଣ ଶତପଥୀ, ଦେବୀଦତ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ଆସିବ ୪୯ ହଜାର ପରୀକ୍ଷା ଦର୍ପଣ

**ବ୍ରହ୍ମପୁର ଅଫିସ,୨୨।୧**

ଦଶମ ଶ୍ରେଣୀ ପରୀକ୍ଷାର ସମ୍ଭାବ୍ୟ ପ୍ରଶ୍ନ ଓ ଉତ୍ତରକୁ ନେଇ ପ୍ରସ୍ତୁତ ହେଉଛି 'ପରୀକ୍ଷା ଦର୍ପଣ'। ଏହି ଟେଷ୍ଟ ପେପର ମାଗଣାରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବଣ୍ଟାଯିବ ବୋଲି କହିଛନ୍ତି ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ। ତେବେ ଗଞ୍ଜାମ ଜିଲାକୁ ୪୯ ହଜାର ପରୀକ୍ଷା ଦର୍ପଣ ଟେଷ୍ଟ ପେପର ଆସିବ ବୋଲି ଜଣାପଡ଼ିଛି। ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି, ବିଭାଗ ପକ୍ଷରୁ ଏ ନେଇ ଏକ ଚିଠି ଆସିଥିଲା। ଜିଲା ପାଇଁ ୪୯ ହଜାର ପୁସ୍ତିକା ଆବଶ୍ୟକ ରହିଛି ବୋଲି ଗତ ୨୦ ତାରିଖରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ଜଣାଇଥିଲୁ ବୋଲି ସୂଚନା ଦେଇଛନ୍ତି। ୭୦ ପ୍ରତିଶତ ସିଲାବସ ଅନୁସାରେ ଟେଷ୍ଟପେପର ପ୍ରସ୍ତୁତ ହୋଇଛି। ପ୍ରତି ବିଷୟର ପ୍ରଶ୍ନ ଏଥିରେ ରହିଛି। ସୂଚନାଯୋଗ୍ୟ, କରୋନା ଲାଗି ଦୀର୍ଘମାସ ଧରି ବନ୍ଦ ଥିବା ବିଦ୍ୟାଳୟ ଗତ ୮ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଖୋଲିଛି। ପାଠପଢା ମଧ୍ୟ ଜାରି ରହିଛି। ୧୦୦ ଦିନ ପାଠ ପଢ଼ାଯିବ। ପିଲାମାନେ ପରୀକ୍ଷା ଲାଗି ଯେପରି ଠିକ ଭାବେ ପ୍ରସ୍ତୁତ ହେବେ ତାହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଶିକ୍ଷା ଦର୍ପଣ ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଛି।

## ଶିକ୍ଷାଅଧିକାରୀଙ୍କ ବିଭିନ୍ନ ସ୍କୁଲ ପରିଦର୍ଶନ

**ବୁଗୁଡ଼ା,୨୨।୧(ଡି.ଏନ.ଏ.)**

ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ଅଧିନସ୍ଥ ୨୭ଟି ଉଚ୍ଚ ବିଦ୍ୟାଳୟରେ ଗତ ୮ ତାରିଖରୁ କୋଭିଡ୍ ନିୟମକୁ ମାନି ଦଶମ ଶ୍ରେଣୀ ପିଲାଙ୍କ ପାଠପଢା ଆରମ୍ଭ ହୋଇଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରର ୨୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଅଧାପନା ନିମନ୍ତେ ନିୟୋଜିତ କରାଯାଇଛି। ଚଳିତ ବର୍ଷ ଦଶମ ଶ୍ରେଣୀରେ ସମୁଦାୟ ୧୮୩୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଇଓ ନୀଳ ମାଧବ ଷଡଙ୍ଗୀ ଏବଂ ଏବିଇଓ ପିତାମ୍ବର ବିଷୋୟୀ ଓ ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ୧୧ ଜଣ ସିଆର୍‌ସିଙ୍କୁ ନେଇ ୩ଟି ଟିମ୍ ଗଠନ କରାଯାଇ ମନିଟରିଂ କରାଯାଉଥିବା ବେଳେ ବିଭିନ୍ନ ବିଦ୍ୟାଳୟରେ ଶହେ ଦିନିଆ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇ ପଢ଼ା ଠିକ୍ ଭାବେ ଚାଲୁଥିବା ଅଧିକାରୀ କହିଛନ୍ତି।

## ୪ ଭେଜାଲ ମସଲା, ଚା'ଗୁଣ୍ଡ କାରଖାନା ମାଲିକ କୋର୍ଟଚାଲାଣ

**ବ୍ରହ୍ମପୁର ଅଫିସ,୨୨।୧**





ଲିଙ୍ଗରାଜ ପାତ୍ର, ସତ୍ୟବାନ ସାହୁ ଓ ପ୍ରଶାନ୍ତ କୁମାର ସାହୁ।

ବ୍ରହ୍ମପୁର ସହରରେ ଭେଜାଲ ମସଲା ଓ ଚା'ଗୁଣ୍ଡ ପ୍ରସ୍ତୁତ ହେଉଥିବା ଅଭିଯୋଗ ଆସିଥିଲା। ଗୁରୁବାର ବଡ଼ବଜାର ଥାନା ଅନ୍ତର୍ଗତ ପାଣ୍ଡବ ନଗର, ରାଜା ସାହି ଓ ଲକ୍ଷ୍ମୀନୃସିଂହ ସାହିରେ ପ୍ରସ୍ତୁତ ହେଉଥିବା ଭେଜାଲ ମସଲାଗୁଣ୍ଡ କାରଖାନା ଓ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ପଣ୍ଡା କଲୋନୀରେ ଅପମିଶ୍ରିତ ଚା'ଗୁଣ୍ଡ କାରଖାନା ଉପରେ ପୋଲିସ ଚଢ଼ାଉ କରିଥିଲା। ବଡ଼ବଜାର ଥାନା ପୋଲିସ ୨ଟି ମାମଲାରେ ୩ କାରଖାନାର ମାଲିକଙ୍କୁ ଗିରଫ କରିଛି। ମାମଲା ନଂ.୧୭/୨୧ରେ ପାଣ୍ଡବ ନଗରର ଲିଙ୍ଗରାଜ ପାତ୍ର ଓ ଲକ୍ଷ୍ମୀନୃସିଂହ ସାହିର ସତ୍ୟବାନ ସାହୁ ଏବଂ ମାମଲା ନଂ. ୧୮/ ୨୧ରେ ଗାନ୍ଧୀନଗର ୫ମ ସାରଣୀର ପ୍ରଶାନ୍ତ କୁମାର ସାହୁଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି। ଲିଙ୍ଗରାଜଙ୍କ ମସଲା ପ୍ୟାକିଂ କାରଖାନାରୁ ୧୨ ବସ୍ତା ଲଙ୍କାଗୁଣ୍ଡ, ୨୪ ବସ୍ତା ହଳଦୀ ଗୁଣ୍ଡ, ୧୫ ଶହ ପାଉଚ ସାଇନ ବ୍ରାଣ୍ଡର ଲଙ୍କାଗୁଣ୍ଡ ଜବତ ହୋଇଛି। ମସଲାଗୁଣ୍ଡ ପ୍ୟାକେଟରେ ମଧ୍ୟପ୍ରଦେଶ ଜଗଦଲପୁରରେ ଏହା ପ୍ରସ୍ତୁତ ହୋଇଥିବା ଲେଖାଥିବା ପୋଲିସ ସୂଚନା ଦେଇଛି। ସେହିପରି ୨ଟି ପ୍ୟାକିଂ ମେଶିନ ମଧ୍ୟ ଜବତ ହୋଇଛି। ସତ୍ୟବାନଙ୍କ ଭେଜାଲ ମସଲାଗୁଣ୍ଡ ପ୍ରସ୍ତୁତ କାରଖାନା ଓ ଗୋଦାମରୁ ପୋଲିସ ୧୧ବସ୍ତା ଲଙ୍କାଗୁଣ୍ଡ, ୯ବସ୍ତା ଚାଉଳ ଗୁଣ୍ଡ, ରଙ୍ଗ ୨ ପ୍ୟାକେଟ ଜବତ କରିଛି। ସେହିପରି ରାଜାସାହିରେ ଭେଜାଲ ମସଲାଗୁଣ୍ଡ ପ୍ରସ୍ତୁତ କରୁଥିବା ପ୍ରଶାନ୍ତଙ୍କ ଗୋଦାମରୁ ୭ବସ୍ତା ଲଙ୍କାଗୁଣ୍ଡ, ୪ ବସ୍ତା ଚାଉଳ ଗୁଣ୍ଡ, ରଙ୍ଗ ପ୍ୟାକେଟ, ଚାଉଳ ପାଉଡର ଓ ମସଲାଗୁଣ୍ଡ ପ୍ରସ୍ତୁତ କରିବା ପାଇଁ ଥିବା ୨ଟି ଗ୍ରାଇଣ୍ଡିଂ ମେଶିନ ମଧ୍ୟ ଜବତ କରାଯାଇଛି। ଅନ୍ୟପକ୍ଷରେ ବୈଦ୍ୟନାଥପୁର ଥାନା ପୋଲିସ ପଣ୍ଡା କଲୋନୀରେ ଅପମିଶ୍ରିତ ଚା' ଗୁଣ୍ଡ କାରଖାନା ଚଳାଇଥିବା ପ୍ରମୋଦ କୁମାର ସାହୁଙ୍କୁ ଗିରଫ କରିଛି। ମାମଲା ନଂ. ୨୫/୨୧ରେ ତାଙ୍କୁ କୋର୍ଟ ଚାଲାଣ କରିଛି। ଉକ୍ତ କାରଖାନାରେ ବିଭିନ୍ନ କମ୍ପାନୀର ପ୍ୟାକେଟ କରି ସେଥିରେ ନିମ୍ନମାନର ଚା' ଗୁଣ୍ଡ ଭର୍ତ୍ତି କରି କମ୍ ଦାମରେ ବିକ୍ରି କରାଯାଉଥିଲା ବୋଲି ପୋଲିସ କହିଛି। ସେଠାରୁ ବିପୁଳ ପରିମାଣର ଅପମିଶ୍ରିତ ଚା' ଗୁଣ୍ଡ ଜବତ ହୋଇଛି। ଦାମୀ କମ୍ପାନୀର ପଲିଥିନ ପ୍ୟାକେଟରେ ଏସବୁ ଭର୍ତ୍ତି କରି ବିକ୍ରି କରାଯାଉଥିଲା। ପ୍ୟାକେଟରେ ବାରକୋର୍ଡ, ବ୍ୟାଚ ନମ୍ବର, ପ୍ରସ୍ତୁତି ତାରିଖ ଆଦି ରହୁ ନଥିଲା।

- **୩୦ ବସ୍ତା ଲଙ୍କାଗୁଣ୍ଡ, ୨୮ ବସ୍ତା ହଳଦୀଗୁଣ୍ଡ, ଅପମିଶ୍ରିତ ଚା' ଗୁଣ୍ଡ ଜବତ**

## ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ୍ ବିତରଣ

**ବ୍ରହ୍ମପୁର ଅଫିସ,୨୨।୧**

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଆନୁକୁଲ୍ୟରେ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା କୁପନ ବିତରଣ ପ୍ରକ୍ରିୟା ଗଞ୍ଜାମ ଜିଲାରେ ଶୁକ୍ରବାର ଆରମ୍ଭ ହୋଇଛି। ଯେଉଁ ବ୍ୟକ୍ତି ଓଡ଼ିଶାର ଯେ କୌଣସି ଡାକଘର, ଅଧିକୃତ ବ୍ୟାଙ୍କ ସ୍ୱଳ୍ପ ସଞ୍ଚୟ ଜମା ଯୋଜନା ଗୁଡ଼ିକରେ ୨୦୨୦ ଜାନୁୟାରୀ ୧ରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ ଅନୁନ୍ୟ ଦୁଇ ହଜାର ଟଙ୍କାରୁ ଅଧିକ ଅର୍ଥ ନିବେଶ କରିଥିବେ ସେମାନେ ପ୍ରତ୍ୟେକ ଦୁଇ ହଜାର ଟଙ୍କା ଜମା ପିଛା ଗୋଟିଏ ମାଗଣା କୁପନ୍ ସଂଗ୍ରହ କରିପାରିବେ ବୋଲି ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଶଙ୍କର୍ଷଣ ପଟ୍ଟନାୟକ ଓ ସୁମନା ପଣ୍ଡା ସୂଚନା ଦେଇଛନ୍ତି। ୱେବ ସଂଚାଳିତ ପଦ୍ଧତି ଦ୍ୱାରା ଜମାକାରୀଙ୍କୁ କୁପନ ନମ୍ବର ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। କିଶାନ୍ ବିକାଶ ପାତ୍ର, ଜାତୀୟ ସଞ୍ଚୟ ସାର୍ଟିଫିକେଟ୍, ପବ୍ଲିକ୍ ପ୍ରୋଭିଡେଣ୍ଟ୍ ଫଣ୍ଡ, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ସୁକନ୍ୟା ସମୃଦ୍ଧି ଜମା, ଡ଼ାକଘର ପାଞ୍ଚ ବର୍ଷୀୟ ଅବଧି ଜମା, ଡ଼ାକଘର ପୌନଃପୁନିକ ଜିମା ଖାତା, ଡ଼ାକଘର ମାସିକ ଆୟ ଯୋଜନା ଓ ଜାତୀୟ ସଞ୍ଚୟ ମାସିକ ଆୟ ଜମା ଗୁଡ଼ିକ ମଧ୍ୟରୁ ନିଜ ପସନ୍ଦ ମୁତାବକ ଜିମା ଯୋଜନାରେ ସଞ୍ଚୟ କରି ନିକଟସ୍ଥ ଜିଲାପାଳ, ଉପଜିଲାପାଳ, ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ କୁପନ୍ ସଂଗ୍ରହ କରିପାରିବେ। କୁପନ୍ ସଂଗ୍ରହକାରୀ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଛତ୍ରପୁର, ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ ବ୍ରହ୍ମପୁର, ଭଞ୍ଜନଗର, ଛତ୍ରପୁର ଏବଂ ଜିଲାର ସମସ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି କୁପନ୍ ସଂଗ୍ରହ କରିପାରିବେ।

## ଘରୋଇ ଟ୍ୟୁଶନ ନ କରିବାକୁ ତାଗିଦ



ନିର୍ଦ୍ଦେଶକଙ୍କ ଗହଣରେ କର୍ମଚାରୀ।

**ବୁଗୁଡା,୨୨।୧(ଡି.ଏନ୍.ଏ.)**

ଆଞ୍ଚଳିକ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଡଃ. ଏଲ.କେ ତ୍ରିପାଠୀ ଶୁକ୍ରବାର ବୁଗୁଡ଼ା ପିପୁଲସ କଲେଜ ପରିଦର୍ଶନ କରିଛନ୍ତି। ସେ ଶ୍ରେଣୀଗୃହକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ କିପରି ଶିକ୍ଷାଦାନ କରାଯାଉଛି ସେ ବିଷୟରେ ନିରୀକ୍ଷଣ କରି ସେମାନଙ୍କୁ ଶିକ୍ଷାଦାନ କରିବା ସହ ବିଜ୍ଞାନ ପରୀକ୍ଷାଗାରକୁ ଯାଇ ବିଦ୍ୟାର୍ଥୀଙ୍କ ପ୍ରାକ୍ଟିକାଲ କ୍ଲାସ ଦେଖିଥିଲେ। ସର୍ବୋପରି କଲେଜରେ ଠିକ୍ ଭାବେ କୋଭିଡ୍ ନିୟମ ପାଳନ କରାଯାଉଛି କି ନାହିଁ ତାହାର ତଦାରଖ କରିଥିଲେ। ଏହି ଅବସରରେ କଲେଜ ଅଧ୍ୟକ୍ଷ ରଜନୀକାନ୍ତ ଦାଶଙ୍କ ସହ କଲେଜର ଉନ୍ନୟନ ଏବଂ ସିଟ୍ ବୃଦ୍ଧି ସମ୍ପର୍କରେ ଆଲୋଚନା କରିବା ସହ ଘରୋଇ ଟ୍ୟୁଶନ ନ କରିବା ପାଇଁ ଅଧାପିକା ଓ ଅଧାପକମାନଙ୍କୁ ତାଗିଦ୍ କରିଥିଲେ। ତାଙ୍କର ଏହି ପରିଦର୍ଶନ ସମୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ. ସିଦ୍ଧାର୍ଥ ଶଙ୍କର ପଣ୍ଡା ଓ କିଶୋର ଚନ୍ଦ୍ର ପଣ୍ଡା ସାମିଲ ଥିଲେ।

## ରାଜସ୍ୱ ଉପଖଣ୍ଡ କାର୍ଯ୍ୟାଳୟ ସ୍ଥାପନ ଦାବି

**କବିସୂର୍ଯ୍ୟନଗର,୨୨।୧(ଡି.ଏନ୍.ଏ.)**

ଆସିକାରେ ନୂତନ ରାଜସ୍ୱ ଉପଖଣ୍ଡ କାର୍ଯ୍ୟାଳୟ ସ୍ଥାପନ ଦାବିରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲାପାଳଙ୍କ ଉଦ୍ଦେଶ୍ୟରେ କବିସୂର୍ଯ୍ୟନଗର ବିଡ଼ିଓ ବାସୁଦେବ ନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ଦୀର୍ଘ ୩ବର୍ଷରୁ ଉର୍ଦ୍ଧ୍ୱ ହେଲା ଆସିକା, ଧରାକୋଟ, ଶେରଗଡ଼, ବୁଗୁଡ଼ା, ପୋଲସରା, ହିଞ୍ଜିଳି ଓ କବିସୂର୍ଯ୍ୟନଗର ତହସିଲ ତଥା ବ୍ଲକକୁ ନେଇ ଏକ ନୂଆ ରାଜସ୍ୱ ସବଡ଼ିଭିଜନ କାର୍ଯ୍ୟାଳୟ ଆସିକାଠାରେ ପ୍ରତିଷ୍ଠା କରିବାକୁ ଦାବି ହୋଇଆସୁଛି। ଭୌଗୋଳିକ ପ୍ରଶାସନିକ, ସାମାଜିକ, ଗମନାଗମନ ଆଦି ଦୃଷ୍ଟିରୁ ଆସିକା ଏହି ୭ଟି ବ୍ଲକର କେନ୍ଦ୍ରସ୍ଥଳୀରେ ଅବସ୍ଥିତ। ଏଠାରେ ସମସ୍ତ କାର୍ଯ୍ୟାଳୟ ରହିଛି। ଏଣୁ ଆସିକାରେ ନୂଆ ରାଜସ୍ୱ ଉପଖଣ୍ଡ କାର୍ଯ୍ୟାଳୟ ହେବା ଯୁକ୍ତିଯୁକ୍ତ। ସ୍ମାରକପତ୍ର ପ୍ରଦାନ ବେଳେ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ରାଜେନ୍ଦ୍ର ଦଳବେହେରା, ସଭ୍ୟ ପ୍ରମୋଦ ସାହୁ, ସୂର୍ଯ୍ୟନାରାୟଣ ବେହେରା, ଦୀପକ କୁମାର ପଣ୍ଡା, ବଦ୍ରୀନାଥ ପଣ୍ଡା, କୃପାସିନ୍ଧୁ ସ୍ୱାଇଁ, ସଭାପତି ଦୁଷ୍ମନ୍ତ କୁମାର ଜେନା, ପ୍ରଭାତ କୁମାର ସାହୁ ଉପସ୍ଥିତ ଥିଲେ। ସମାଜିକ କର୍ମୀ ଅନିଲ କୁମାର ପାଣିଗ୍ରାହୀ ସଂଯୋଜନା ଓ ସଭାପତିତ୍ୱ କରିଥିଲେ। ଆଇନଜୀବୀ ସଂଘ ସଭାପତି ଦୁଷ୍ମନ୍ତ ଜେନା ଏନ୍ଏସିକୁ ମ୍ୟୁନିସିପାଲିଟିରେ ପରିଣତ କରିବାକୁ ଦାବି ଉପସ୍ଥାପନ କରିଥିଲେ।

## ନିଶାସକ୍ତ ଚାଳକଙ୍କ ଉପରେ ନଜର

**ଭଞ୍ଜନଗର,୨୨।୧(ଡି.ଏନ.ଏ)**

ବର୍ତ୍ତମାନ ସଡ଼କ ସୁରକ୍ଷା ମାସ ଚାଲିଛି। ତେଣୁ ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ଭାବେ ପାଳନ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଅତ୍ୟଧିକ ମଦ୍ୟପାନ ଯୋଗୁ ବହୁ ଦୁର୍ଘଟଣା ଘଟୁଥିବାରୁ ମଦୁଆ ଗାଡ଼ିଚାଳକଙ୍କ ଉପରେ କଡ଼ା ନଜର ରଖାଯାଇଛି। ବ୍ରେଥ୍ ଆନାଲାଇଜରରେ ସେମାନଙ୍କୁ ଯାଞ୍ଚ କରାଯାଉଛି। ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ କଲେଜ ରୋଡ଼ ବାଇପାସ୍ ଛକରେ ଯାନବାହାନ ଯାଞ୍ଚ କରାଯାଇଥିଲା। ଓଏସ୍ଆରଟିସି ଗାଡ଼ିର ଚାଳକମାନଙ୍କୁ ଯାଞ୍ଚବେଳେ ସେମାନେ ପ୍ରାୟ ମଦ ପିଇ ନଥିବା ଜଣାପଡ଼ିଥିଲା। ହେଲମେଟ୍ ଓ ଅନ୍ୟା ନିୟମ ନେଇ ମଧ୍ୟ ଯାଞ୍ଚ କଡ଼ାକଡ଼ି କରାଯାଇଥିଲା। ଏହି ସମୟରେ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଥାନା ଅଧିକାରୀ ସୁଦୀପ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବାରକୁ ଭେଟିଲେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ



ଉପସ୍ଥିତ ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ଅନ୍ୟମାନେ।

**ବେଗୁନିଆପଡା,୨୨।୧(ଡି.ଏନ.ଏ.)**

**ଦେବରାଜ ସାହୁଙ୍କୁ ଗୁଳି କରି ହତ୍ୟା ଘଟଣା**

ବେଗୁନିଆପଡ଼ା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବରାଜ ସାହୁଙ୍କୁ ବୁଧବାର ନିର୍ମମ ହତ୍ୟା ଘଟଣା ପରେ ଉଷ୍ମ ହୋଇଛି ରାଜନୀତି। ଶୁକ୍ରବାର ଗଞ୍ଜାମ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ପରେ ଏହାକୁ କଡା ନିନ୍ଦା କରିଛନ୍ତି। ବିଧାୟକଙ୍କ ସହ ବହୁ ବରିଷ୍ଠ ନେତା ସୁମଣ୍ଡଳରେ ପହଞ୍ଚି ଗୁଳିକାଣ୍ଡ ହୋଇଥିବା ସ୍ଥାନକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ସ୍ୱର୍ଗତ ଦେବରାଜ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ସମବେଦନା ଜଣାଇଥିଲେ। ଏହାପରେ ୪୬ନଂ. ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ିଙ୍କ ବିୟୋଗ ଘଟିଥିବାରୁ ତାଙ୍କ ଗ୍ରାମ ଶାଙ୍କୁଡ଼ା ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ, କରଞ୍ଜରା ବିଜୟୀ

**ପୋଲସରା,୨୨।୧(ଡି.ଏନ.ଏ.)**– ପୋଲସରା ବ୍ଲକ ମଧୁପଲ୍ଲୀରେ ସନ୍ତୋଷ କୁମାର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଖେଳ ଆରମ୍ଭ ପୂର୍ବରୁ ସ୍ୱର୍ଗତ ସନ୍ତୋଷ କୁମାର ପୋଲେଇଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦଘାଟନୀ ମ୍ୟାଚ୍ କଣଛାଇ ଓ କରଞ୍ଜରା ମଧ୍ୟରେ ଖେଳା ଯାଇଥିଲା। କରଞ୍ଜରା ଟିମ୍ ବିଜୟୀ ହୋଇଛି। କରଞ୍ଜରାର କାହ୍ନୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ ବିଶୋୟୀ, ଡେଙ୍ଗାପଦର ସରପଞ୍ଚ ବିଜୟ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟା ପ୍ରତିନିଧି ସୁଜିତ ବିଶୋୟୀ, ବ୍ଲକ ଯୁବ ବିଜେଡି ସଭାପତି ସୁଶାନ୍ତ ପୋଲାଇ, ଜିଲା ବିଜେଡି ସମ୍ପାଦକ ଗୋପାଳକୃଷ୍ଣ ସାହୁଙ୍କ ସମେତ ବିଜେଡିର ବହୁ ସରପଞ୍ଚ ଉପସ୍ଥିତ ଥିଲେ।

## ନୂଆ କୃଷି ଆଇନ ବିରୋଧରେ ବିକ୍ଷୋଭ, ଧାରଣା




ଆନ୍ଦୋଳନସ୍ଥଳରେ ବିଭିନ୍ନ ଶ୍ରମିକ ସଂଗଠନର ନେତାମାନେ।

**ବ୍ରହ୍ମପୁର ଅଫିସ,୨୨।୧**

ଭାଜପା ନେତୃତ୍ୱାଧିନ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ଚାଷୀ ବିରୋଧୀ କୃଷି ଆଇନ ସମ୍ପୂର୍ଣ୍ଣ ବାତିଲ ଦାବିନେଇ ଶୁକ୍ରବାର ବ୍ରହ୍ମପୁର ତହସିଲ କାର୍ଯ୍ୟାଳୟ ଆଗରେ ମିଳିତ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ଏଥିରେ କଂଗ୍ରେସର ଆଇଏନ୍‌ଟିୟୁସି, ସିପିଆଇ(ଏମ)ର ସିଆଇଟିୟୁ, ସିପିଆଇର ଏଆଇଟିୟୁସି ଓ ଏଚଏମଏସର ନେତା ଓ କର୍ମୀ ସାମିଲ ହୋଇଥିଲେ। ବିକ୍ଷୋଭ ସମାବେଶରେ ପୀତବାସ ପଣ୍ଡା, ଭୋକାଲି ସେଠୀ, ପ୍ରକାଶ ପାତ୍ର, ପ୍ରଶାନ୍ତ ପାଟ୍ଟଯୋଷୀ, ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ରବି ରଥ ଓ ରାଜେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ନୂଆ କୃଷି ଆଇନକୁ ବିରୋଧ ସହ ଦିଲ୍ଲୀ ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଆନ୍ଦୋଳନ ଦୁଇ ମାସ ବିତିବାକୁ ଯାଉଥିବା ବେଳେ ଏହାର ସମାଧାନ ଏବଂ ଆଇନ ପ୍ରତ୍ୟାହାର ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ମୋଦୀ ସରକାରଙ୍କ ଚାଷୀମାରଣ ନୀତି ପଦାରେ ପଡ଼ିଥିବା ଅଭିଯୋଗ କରାଯାଇଥିଲା। ଦେଶ ବିଦେଶର ବଡ଼ ବଡ଼ ପୁଞ୍ଜିପତିଙ୍କ ଚାପରେ ଓ ସେମାନଙ୍କ ସ୍ୱାର୍ଥରେ ନୂଆ କୃଷି ଆଇନ କରାଯାଇଥିବା ସମାଲୋଚନା ହୋଇଥିଲା। ଆଇନକୁ ୧୮ ମାସ ସ୍ଥଗିତ ରଖିବା ପାଇଁ କେନ୍ଦ୍ର ସରକାର ଦେଇଥିବା ପ୍ରସ୍ତାବକୁ ଆନ୍ଦୋଳନରତ ଚାଷୀ ନେତାମାନେ ପ୍ରତ୍ୟାଖ୍ୟାନ କରିଥିବାରୁ ଏହାକୁ ମିଳିତ ଶ୍ରମିକ ସଂଗଠନ ସ୍ୱାଗତ କରିଥିଲା।

## ସଂକ୍ଷେପରେ

### ପୁଣି କଂଗ୍ରେସକୁ ବାହୁଡ଼ିଲେ ପ୍ରତାପ

ଦାରିଙ୍ଗବାଡ଼ି,୨୨ା୧(ଡି.ଏନ୍.ଏ)- ୨୦୧୯ ନିର୍ବାଚନରେ କଂଗ୍ରେସରୁ ଟିକେଟ ନପାଇ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡା ହୋଇଥିବା ପ୍ରତାପ କୁମାର ପ୍ରଧାନଙ୍କର ଘର ବାହୁଡା ହୋଇଥିବା ଜଣାପଡ଼ିଛି। ଟିକେଟ ନପାଇ ସେ ୨୦୧୯ ମାର୍ଚ୍ଚ ୨୯ରେ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିଲେ। କଂଗ୍ରେସରେ ପୁନଃ ଯୋଗଦାନ ପାଇଁ ଜିଲାରୁ ଏକ ପ୍ରସ୍ତାବ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଯାଇଥିଲା। ଏହାକୁ ଅନୁମୋଦନ ମିଳିଥିବା କାର୍ଯ୍ୟାଳୟ ସମ୍ପାଦକ ବୈଦ୍ୟନାଥ ସ୍ୱାଇଁ ପ୍ରତାପଙ୍କୁ ଚିଠି ମାଧମରେ ଜଣାଇଛନ୍ତି। ଏଥି ପାଇଁ ପ୍ରତାପ ରାଜ୍ୟ ସଭାପତିଙ୍କ ସମେତ ଜିଲାସଭାପତି ଅନାମ ନାୟକଙ୍କୁ ସାଧୁବାଦ ଜଣାଇଛନ୍ତି।

ପ୍ରତାପ ୨୦୧୯ ପୂର୍ବରୁ ରାଜ୍ୟ ପ୍ରଦେଶ କଂଗ୍ରେସ ଆଦିବାସୀ ବିଭାଗର ଉପସଭାପତି ଓ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜିଲା ସଭାପତି ଭାବେ କାର୍ଯ୍ୟକରୁଥିଲେ। ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ସମ୍ପାଦନା କରିଛନ୍ତି।

### ଶ୍ରମିକ ନେତାଙ୍କ ପରଲୋକ

ଦିଗପହଣ୍ଡି,୨୨ା୧(ଡି.ଏନ.ଏ.)-ଦିଗପହଣ୍ଡି ସହରର ବିଶିଷ୍ଟ ଶ୍ରମିକ ନେତା ଭି.ତେଜେଶ୍ୱର ରାଜୁଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ସେ ଦିଗପହଣ୍ଡି ଏକ ଘରୋଇ କମ୍ପାନୀ ନିର୍ମିତ ଚା' ଗୁଣ୍ଡର ଅଧିକୃତ ବିକ୍ରେତାରୁ ନିଜ କର୍ମମୟ ଜୀବନ ଆରମ୍ଭ କରି ଯାଜପୁର ଜିଲାର ଫେରୋକ୍ରୋମ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରି ଜଣେ ବାମପନ୍ଥୀ ଶ୍ରମିକ ନେତା ଭାବରେ ପରିଚୟ ହାସଲ କରିଥିଲେ। ପରେ ସେ ନିଜ ପୈତୃକ ଗ୍ରାମ ଦିଗପହଣ୍ଡିକୁ ଫେରି ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଗୁରୁବାର ରାତିରେ ତେଜେଶ୍ୱର ବସଷ୍ଟାଣ୍ଡ ସ୍ଥିତ ଝିଅ ଘରେ ଥିବାବେଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିଲା। ଖବରପାଇ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର, ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ନଗରପାଳ ଭି.ରବିନାରାୟଣ ରାଜୁ, ସିପିଆଇ(ଏମ) ଗଞ୍ଜାମ ଜିଲା ସମ୍ପାଦକ କୈଳାସ ଚନ୍ଦ୍ର ଷଡ଼ଙ୍ଗୀ, ଇସକଫ ଜିଲା ସଭାପତି ହରପ୍ରସାଦ ରଥ, ଅବସରପ୍ରାପ୍ତ ବ୍ଲଡବ୍ୟାଙ୍କ ଅଫିସର ଭି.ରାଜେଶ୍ୱର ରାଜୁ, ରକ୍ତଦାତା ସଂଘ ସଭାପତି ଭି.ଧର୍ମାରାଜୁ, ପ୍ରାକ୍ତନ ସଭାପତି ତପନ ମିଶ୍ର, ଆଇନଜୀବୀ ଲକ୍ଷ୍ମୀ ନାରାୟଣ ପାଢୀ, ଶ୍ରମିକ ନେତା ଅଳକନାଥ ମିଶ୍ର, ଅଶିନୀ କୁମାର ଦାସ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ୩ ଥାନାରେ ମାମଲା ରୁଜୁ
#### ଜାଲ ଶ୍ରମିକ କାର୍ଡ ପ୍ରସଙ୍ଗ

ଛତ୍ରପୁର,୨୨ା୧(ଡି.ଏନ୍.ଏ.)- ଗଞ୍ଜାମ ଜିଲାରେ ଟଙ୍କା ନେଇ ଜାଲ୍ ଶ୍ରମିକ ପରିଚୟପତ୍ର ପ୍ରଦାନ କରି ଠକେଇ ଅଭିଯୋଗ ମାମଲା ଭିନ୍ନମୋଡ ନେଇଛି। ଶ୍ରମ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଛତ୍ରପୁର ଓ କବିସୂର୍ଯ୍ୟନଗର ଥାନାରେ ଏତଲା ଦିଆଯାଇଥିବା ଡିଭିଜନାଲ ଶ୍ରମ କମିଶନର ଦୀପ୍ତି ମହାନ୍ତି ଶୁକ୍ରବାର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୁରୁଷୋତ୍ତମପୁର ଥାନା ପୋଲିସ ମଧ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ପୁରୁଷୋତ୍ତମପୁର ଥାନାରେ ଆପେକ୍ସ ଓଡ଼ିଶା ନେଟ୍ କାଫେ ସଂସ୍ଥା ବିରୋଧରେ ଏକ ଜନସେବା କେନ୍ଦ୍ର ପକ୍ଷରୁ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ଛତ୍ରପୁର ଓ କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଜାଲ ଶ୍ରମିକ କାର୍ଡ ଯୋଗାଇଥିବା ଜନସେବା କେନ୍ଦ୍ର ଓ ଅନ୍ୟ ନାଁରେ ଶ୍ରମ ବିଭାଗ ପକ୍ଷରୁ ଏତଲା ଦିଆଯାଇଛି। ଜନ ସେବା କେନ୍ଦ୍ରଗୁଡିକ ଜାଲିଆତିରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଜିଲାପାଳ କହିଛନ୍ତି। ଏମାନଙ୍କ ନାଁରେ ଏତଲା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କେହି ଏପରି ଠକାମିର ଶିକାର ହୋଇଥିଲେ ଶ୍ରମ ବିଭାଗ ଏବଂ ପ୍ରଶାସନକୁ ଜଣାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜାଲ୍ ଶ୍ରମିକ କାର୍ଡକୁ ନେଇ ଜିଲା ଶ୍ରମ ବିଭାଗ ପକ୍ଷରୁ ଛତ୍ରପୁର, କବିସୂର୍ଯ୍ୟନଗର ଓ ବିଭିନ୍ନ ଅଞ୍ଚଳରେ ଏହି ମାମଲାର ତଦନ୍ତ କରାଯିବା ସହ କେତେଜଣଙ୍କ ବୟାନ ରେକର୍ଡ କରାଯାଇଥିଲା। ତଦନ୍ତ ରିପୋର୍ଟକୁ ଆଧାର କରି ଶ୍ରମ ବିଭାଗ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ଆପେକ୍ସ ଓଡିଶା ନେଟ୍ କାଫେ ସଂସ୍ଥା, ଇଣ୍ଟରନେଟ୍ ସେଣ୍ଟର ଓ ଜନସେବା କେନ୍ଦ୍ରଗୁଡିକ ଟଙ୍କା ନେଇ ଲୋକଙ୍କୁ ଜାଲ ଶ୍ରମିକ ପରିଚୟ କାର୍ଡ ପ୍ରଦାନ କରିଥିବା ଅଭିଯୋଗ ହୋଇଆସୁଛି।

# ମଣ୍ଡିରୁ କିଣାଯାଉନି ଧାନ, ଚାଷୀ ନିରାଶ

କାଶୀନଗର,୨୨ା୧


ବିକ୍ରି ନ ହୋଇ ପଡ଼ି ରହିଥିବା ଧାନବସ୍ତା ।

ଗତ ଡିସେମ୍ବର ୩୧ ତାରିଖରୁ ମିଲରମାନେ ମଣ୍ଡିରୁ ଧାନ କିଣୁ ନ ଥିବା କାଶୀନଗର ବ୍ଲକ ବଥବା ଗ୍ରାମର ଚାଷୀମାନେ ଶୁକ୍ରବାର ଅଭିଯୋଗ କରିଛନ୍ତି । ଏ ନେଇ ବଥବା ଗ୍ରାମର ବହୁ ଚାଷୀ କାଶୀନଗର ବିଡିଓଙ୍କ ଜରିଆରେ ଗଜପତି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଦେଇଛନ୍ତି । ସମବାୟ ସମିତି ତରଫରୁ ଚାଷୀମାନଙ୍କୁ ଟୋକନ ମିଳିଥିଲେ ମଧ ମିଲରମାନେ ଧାନ କିଣୁ ନାହାନ୍ତି। ସେମାନଙ୍କୁ ପଚାରିଲେ ଦିଆଯାଇଥିବା ଟାର୍ଗେଟ ସରିଗଲା ଆଉ ଧାନ କିଣିବା ସମ୍ଭବ ନାହିଁ ବୋଲି କହୁଛନ୍ତି। ସମିତିର ସେକ୍ରେଟାରୀ ଟି.ରାଘବ ରାଓ କିନ୍ତୁ କହିଛନ୍ତି ଯେ, ତାଙ୍କ ପାଖରେ ବର୍ତ୍ତମାନ ସୁଦ୍ଧା ୯୦ଟି ଟୋକେନ ରହିଛି, ମିଲର ମାନେ ଧାନ କିଣୁ ନ ଥିବାରୁ ସେ ନିରୂପାୟ।

ସେକ୍ରେଟାରୀଙ୍କ ସୂଚନା ଅନୁଯାୟୀ, ବଥବା ସମବାୟ ସମିତିକୁ ମୋଟ ୭୬୩୫ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଦିଆଯାଇଥିଲା। ସମିତି ଅଧୀନରେ ଥିବା କିତିଙ୍ଗି, ଗୋରିବନ୍ଧା, ବଥବା, ଆରକେପୁର, ବୁଦୁରା ଓ ଇଦୁଡିରୁ ମିଲରମାନେ ଉକ୍ତ ପରିମାଣର ଧାନ କିଣିବା କଥା, କିନ୍ତୁ ଏହା ହେଉନାହିଁ। କ୍ରମିକ ସଂଖ୍ୟା ରକ୍ଷା ନ କରି ସେମାନଙ୍କ ବନ୍ଧୁବାନ୍ଧବ ଚାଷୀଙ୍କଠାରୁ ଆଗ ଧାନ କିଣୁଛନ୍ତି। ପ୍ରଥମେ ଗୋରିବନ୍ଧା, ଖୁରିଙ୍ଗା, ଖାଣ୍ଡବା, କିଡିଙ୍ଗାରେ ଥିବା ମିଲମାନଙ୍କୁ ଧାନ କିଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ଚାଷୀ ମାନଙ୍କ ଠାରୁ ଧାନ କିଣାଯାଉ ନାହିଁ। ବିକ୍ରି ସାରିଥିବା ଚାଷୀମାନେ ଜଣାଇଛନ୍ତି ଯେ, ମଣ୍ଡିରେ ଧାନ କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ରହିଛି। ପ୍ରତି ବର୍ଷ ୮୦ କେଜି ଧାନବସ୍ତା ଦିଅନ୍ତି, ଚଳିତ ବର୍ଷ କିନ୍ତୁ ୮୧.୫ କେଜି ଧାନ ମିଲରମାନେ ନେଇ ଯାଉଛନ୍ତି। ଚାଷିମାନଙ୍କୁ ମିଲରମାନେ ଗନି ବ୍ୟାଗ ଯୋଗାଇଦେବା ନିୟମ ଥିଲେ ବି ତାହା ଦେଉନାହାନ୍ତି। ଓଲଟା ଗନି ବ୍ୟାଗ ଓ ପରିବହନ ଖର୍ଚ୍ଚ କହି ପ୍ରତି ବସ୍ତାକୁ ୪୦ ଟଙ୍କା କାଟି ଚାଷୀଙ୍କୁ ଦେଉଛନ୍ତି। ଏ ନେଇ ବଥବା ସମବାୟ ସମିତି ପାରାଳାଖେମୁଣ୍ଡି ଏଆର୍‌ସିଏସ୍ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ କୌଣସି ସୁଫଳ ମିଳୁନାହିଁ। ଦଲାଲମାନଙ୍କୁ ଧାନ ନ ବିକି ମଣ୍ଡିରେ ଧାନ ବିକିବା ପାଇଁ ଉପଦେଶ ଦେଉଥିବା ବେଳେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି ନ କରିପାରି ହତାଶ ହେଉଛନ୍ତି। ତେବେ ଦୁଇ ଦିନ ଭିତରେ ଉକ୍ତ ସମସ୍ୟାର ସମାଧାନ ନ ହେଲେ ଚାଷୀ ମାନେ ଆନ୍ଦୋଳନର କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବାଲ୍ୟବିବାହ ମୁକ୍ତ ହେଲା ୭୩ ଗ୍ରାମ

## ଗଜପତି ଜିଲା

ପାରଳାଖେମୁଣ୍ଡି,୨୨ା୧(ଡି.ଏନ୍.ଏ.)

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ଓଡ଼ିଶାରେ ବାଲ୍ୟ ବିବାହର ସ୍ଥିତି ଶତକଡ଼ା ୨୧ ପ୍ରତିଶତ ଥିବାବେଳେ ଗଜପତିର ସ୍ଥିତି ଆହୁରି ଖରାପ ଅଛି। ୨୦୨୪ ସୁଦ୍ଧା ଏହାକୁ ଶତକଡ଼ା ୧୦ ପ୍ରତିଶତରୁ କମ୍ କରିବାକୁ ପ୍ରତ୍ୟେକ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗଜପତି ଜିଲାରେ ମଧ ବିଭିନ୍ନ ସ୍ତରରେ ଟାସ୍କଫୋର୍ସ ଗଠନ କରି ୧୦୦୦ରୁ ଉର୍ଦ୍ଧ୍ୱ ଗ୍ରାମରେ ବାଲ୍ୟବିବାହ ଉପରେ ସର୍ଭେ କରାଯାଇଛି। ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠନ କରି ନିୟମିତ ବୈଠକ ସହ ଉପାନ୍ତ ଅଞ୍ଚଳମାନଙ୍କରେ ଗ୍ରାମ୍ୟସ୍ତରୀୟ ଶିଶୁ ସୁରକ୍ଷା କମିଟି ତିଆରି କରି ବାଲ୍ୟବିବାହକୁ କିପରି ରୋକାଯାଇପାରିବ ସୁନିଶ୍ଚିତ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଗ୍ରାମସ୍ତରୀୟ ବାଲ୍ୟବିବାହ ମୁକ୍ତ କମିଟିର ସୁପାରିଶ କ୍ରମେ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରିଣୀଙ୍କ ଅନୁମୋଦନ କ୍ରମେ ଜିଲାପାଳ ୭୩ ଗ୍ରାମକୁ ବାଲ୍ୟବିବାହ ମୁକ୍ତ ଘୋଷଣା କରିବା ସହ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି।

# ବାଲିଗୁଡ଼ା କୋର୍ଟରେ ମାଓବାଦୀ ନେତା ସବ୍ୟସାଚୀ


କୋର୍ଟ ପରିସରରେ ମାଓବାଦୀ ନେତା ସବ୍ୟସାଚୀ ।

ବାଲିଗୁଡ଼ା,୨୨ା୧(ଡି.ଏନ.ଏ.)–

ଦୀର୍ଘ ୧୧ ମାସ ପରେ ଟପ୍ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା କନ୍ଧମାଳ ଜିଲା ବାଲିଗୁଡ଼ା କୋର୍ଟରେ ହାଜର ହୋଇଛନ୍ତି। ୩ଦିନରେ ୪ଟି କେସ୍‌ର ବିଚାର ହୋଇଥିବାବେଳେ ଅନ୍ୟ ୩ କେସ୍‌ର ଚାର୍ଜଫ୍ରେମ୍ ହୋଇଥିବା ଜଣାପଡ଼ିଛି। ବ୍ରାହ୍ମଣୀଗାଁ ଥାନା ବଙ୍ଗଡ଼ଦୁଆ ଘାଟିରେ ଆମ୍ବୁଲାନ୍ସ ବିସ୍ଫୋରଣ ଘଟଣାର ଅଭିଯୋଗ ଧାର୍ଯ୍ୟ, ଦାରିଙ୍ଗବାଡ଼ି ଥାନା ଭ୍ରମରବାଡ଼ିର ଏକ ହତ୍ୟା ମାମଲାର ସାକ୍ଷ୍ୟ ଗ୍ରହଣ ସହ ଏକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ସାକ୍ଷୀ ଚିହ୍ନଟ କରିଥିବା ଜଣାପଡ଼ିଛି। ଅନ୍ୟ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃୟାରୀ ୨୪କୁ ଧାର୍ଯ୍ୟ ହୋଇଛି। ସବ୍ୟସାଚୀ ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁରର ଓକିଲ ଦୀପକ ପଟ୍ଟନାୟକ ଓ ସରକାରୀ ଓକିଲ ବିଜୟ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ବେଳେ ରାଜସ୍ୱ ବିଭାଗ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଞ୍ଜନଗର,୨୨ା୧(ଡି.ଏନ.ଏ)–


ଉପଜିଲାପାଳ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ।

## ଭଞ୍ଜନଗର ଉପଖଣ୍ଡସ୍ତରୀୟ ରାଜସ୍ୱ ପ୍ରଶିକ୍ଷଣ ଶିବିର

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ୨ଦିନ ଧରି ହେବାକୁ ଥିବା ରାଜସ୍ୱ କର୍ମଚାରୀ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜସ୍ୱ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜସ୍ୱ ବିଭାଗ କର୍ମଚାରୀ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ ହୋଇ ଲୋକଙ୍କୁ ସେବା ଯୋଗାଇ ପାରିଲେ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ଶିବିରରେ ଯୋଗଦେଇଥିବା ବକ୍ତାମାନେ କହିଥିଲେ। ଶିବିରରେ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ନିୟମ, ଓଡ଼ିଶା ଭୂ-ସଂସ୍କାର ଆଇନ, ଦାଖଲ ଖାରଜ ମାମଲାର ଫଇସଲା, ବିପର୍ଯ୍ୟୟ ଜନିତ ମିଳୁଥିବା ଅନୁକମ୍ପା ରାଶି ସହାୟତା ପ୍ରଦାନ ନିୟମ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ, ସୂଚନା ଅଧିକାର ନିୟମ ଏବଂ ଓଡ଼ିଶା ଲୋକ ସେବା ଅଧିକାର ନିୟମ ଆଦି ସମ୍ପର୍କରେ ତାଲିମ ଦିଆଯାଇଥିଲା। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଡେ଼ପୁଟି କଲେକ୍ଟର ଏମର୍ଜେନ୍ସି ଡ଼. ଦିବ୍ୟଲୋଚନ ମହାନ୍ତ, ଡେ଼ପୁଟି କଲେକ୍ଟର ରାଜସ୍ୱ ଡ଼. ବିଜୟାନନ୍ଦ ସେଠୀ, ଡେ଼ପୁଟି କଲେକ୍ଟର ଜୁଡ଼ିସିଆଲ ରାଜକିଶୋର ଜେନା, ଛତ୍ରପୁର ଅତିରିକ୍ତ ଉପ ଜିଲାପାଳ ସରୋଜ କୁମାର ଦାସ ସାଧନବ୍ୟକ୍ତି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ଭଞ୍ଜନଗର ଉପଖଣ୍ଡର ୮ଟି ଯାକ ତହସିଲର ତହସିଲଦାର, ଅତିରିକ୍ତ ତହସିଲଦାର, ଆର୍‌ଆଇ, ଏଆର୍‌ଆଇ, ଡ୍ରିଲିଙ୍ଗ୍ ଆସିଷ୍ଟାଣ୍ଡ, ସୁପରଭାଇଜର ସମେତ ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

### ସତୀଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବେଗୁନିଆପଡ଼ା,୨୨ା୧(ଡି.ଏନ.ଏ.)

## କୁମ୍ଭାରଗାଁ ପଞ୍ଚାୟତ ଉପନିର୍ବାଚନ

ବେଗୁନିଆପଡ଼ା ବ୍ଲକ କୁମ୍ଭାରଗାଁ ପଞ୍ଚାୟତ ଉପନିର୍ବାଚନ ପାଇଁ ଶୁକ୍ରବାର ଦୁଇ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ବେଳେ ସତୀଶ ରଞ୍ଜନ ତାରିଣୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉକ୍ତ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ କୁମାର ତାରେଣୀଙ୍କ ଦେହାନ୍ତ ପରେ ଏହି ପଦବୀ ଖାଲିଥିଲା। ଓଡିଶା ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପ୍ରକାରେ ଚଳିତ ମାସ ତାରିଖରେ ସତୀଶ ରଞ୍ଜନ ତାରେଣୀ, ଲଳିତ କୁମାର ସ୍ୱାଇଁ ଓ ପ୍ରବୀଣ କୁମାର ସ୍ୱାଇଁ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ। ଶୁକ୍ରବାର ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଧାର୍ଯ୍ୟ କରାଯାଇଥିଲା। ତେଣୁ ଲଳିତ ଓ ପ୍ରବୀଣ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ନେତୃତ୍ୱକୁ ସମ୍ମାନ ଜଣାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ବିଡିଓ ବେଦବର ପ୍ରଧାନଙ୍କୁ ପଚାରିବାରୁ ଦୁଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ସତୀଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା କହିଛନ୍ତି।

# ହିଞ୍ଜିଳିକାଟୁରେ ହେବ ୨ ମଡେଲ୍ ମଣ୍ଡି

## ଆର୍‌ଏମ୍‌ସି ବୈଠକ

ହିଞ୍ଜିଳିକାଟୁ,୨୨ା୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ଆର୍‌ଏମ୍‌ସିର ୬ଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍‌ଏମ୍‌ସିର ଅଧକ୍ଷ ତଥା ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ବୈଠକରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରକାରେ କୃଷିଜାତ ଦ୍ରବ୍ୟର ବିକ୍ରବଟା ପାଇଁ ୨ଟି ମଡେ଼ଲ ମଣ୍ଡି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ହିଞ୍ଜିଳିକାଟୁ ଆର୍‌ଏମ୍‌ସି ବଜାରରେ ମଧ୍ୟମ ଧରଣର ମଡେ଼ଲ ମଣ୍ଡି ଓ ହରିପୁର ବିରୁଡ଼ିଠାରେ ଅନ୍ୟ ଏକ କ୍ଷୁଦ୍ର ମଡେ଼ଲ ମଣ୍ଡି ନିର୍ମାଣ କରାଯିବାକୁ ପ୍ରସ୍ତାବ ହୋଇଛି। ବୈଠକ ପୂର୍ବରୁ ଆର୍‌ଏମସି ସମ୍ପାଦକ ବିନାୟକ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ପ୍ରସ୍ତାବ ଅନୁମୋଦନ ଓ ଦୃଢ଼ୀକରଣ ସହ ଅଗଷ୍ଟ ୨୦୧୯ରୁ ଡିସେମ୍ବର ୨୦୨୦ ଯାଏ ଆୟବ୍ୟୟ ସମୀକ୍ଷା ହୋଇଥିଲା। କମିଟିରେ ବିଭିନ୍ନ ବିଷୟରେ ବ୍ୟୟ ବରାଦ ଓ ହାଇକୋର୍ଟ ଓକିଲ ପାଉଣା ପ୍ରାୟ ୨ଲକ୍ଷ ୪୮ହଜାର ଟଙ୍କା ନେଇ ବହୁ ସଦସ୍ୟ ଆପତ୍ତି ଉଠାଇଥିଲେ। ମାର୍କେଟ କମ୍ପ୍ଲେକ୍ସ ଗୃହ ଆବଣ୍ଟନରେ ସ୍ୱଚ୍ଛତା ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଆର୍‌ଏମସି ପରିସରରେ ସ୍ଥାପିତ ୱେ-ବ୍ରିଜ ପରିଚାଳନାଗତ ତ୍ରୁଟିପାଇଁ ବହୁସଦସ୍ୟ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପଟେ ସଦସ୍ୟଙ୍କ ପ୍ରସ୍ତାବ ଉପରେ ଗୁରୁତ୍ୱାରୋପ କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ବୈଠକରେ କମିଟିର ଉପାଧକ୍ଷ ସୁରେନ୍ଦ୍ର ପ୍ରଧାନ, ବ୍ଲକ ଅଧକ୍ଷ ଏନ୍. ରଘୁନାଥ, ପୂର୍ବତନ ଏନ୍‌ଏସି ଉପାଧକ୍ଷ ପବିତ୍ର ମୋହନ ପାଣିଗ୍ରାହି, ସରୋଜ ପଣ୍ଡା, ହରିହର ପାଢୀ, କାଳୁଚରଣ ସାବତ, ପ୍ରଦୀପ କୁମାର ପଣ୍ଡା, ଅରୁଣ କୁମାର ପାଢୀ ପ୍ରମୁଖ କମିଟି ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗ

ଦିଗପହଣ୍ଡି,୨୨ା୧(ଡି.ଏନ୍.ଏ.)–

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଆମ୍ବଗାଁରୁ ଜଣେ ବିଧବା ମହିଳାଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ସେହେଲେ ଆମ୍ବଗାଁର ରାଜଧାନୀ ଡାକୁଆ (୨୮)। ନଂ.୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ମାନସିକ ଭାରସାମ୍ୟ ହରାଇ ରାଜଧାନୀ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ପୋଲିସକୁ କହିଛନ୍ତି। ମାତ୍ର ତାଙ୍କ ବାପା ଶାଶୁ ଘର ଲୋକେ ଝିଅକୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଦିଗପହଣ୍ଡି ଥାନା ନିମଖଣ୍ଡିପେଣ୍ଠର ରାଜଧାନୀ ୭ବର୍ଷ ପୂର୍ବେ ପାଟପୁର ଥାନା ଆମ୍ବଗାଁର ପ୍ରଭାତ ଡାକୁଆଙ୍କୁ ବିବାହ କରିଥିଲେ। ୨ ବର୍ଷ ପୂର୍ବେ ସୁରଟରେ ପ୍ରଭାତଙ୍କର ମୃତ୍ୟୁ ଘଟିଥିଲା। ଏକମାତ୍ର ପୁଅକୁ ଧରି ରାଜଧାନୀ ଶାଶୁ ଘରେ ରହୁଥିଲେ। ସ୍ୱାମୀଙ୍କ ମୃତ୍ୟୁପରେ ରାଜଧାନୀଙ୍କୁ ଶାଶୁଘର ଲୋକେ ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିବା ଝିଅ ବହୁ ସମୟରେ ଫୋନ୍ କରି ଜଣାଉଥିବା ବାପା ସନ୍ତୋଷ କହିଛନ୍ତି। ଶୁକ୍ରବାର ଭୋରରୁ ଝିଅ ମୃତ୍ୟୁ ଖବର ପାଇ ସନ୍ତୋଷ ପହଞ୍ଚି ଥାନାକୁ ଜଣାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଅଜୟ କୁମାର ବାରିକ କହିଛନ୍ତି।

# ହୃଦ୍‌ଘାତରେ ଚାଳକଙ୍କ ମୃତ୍ୟୁ, ଛାଡ଼ି ପଳାଇଲେ ବିଦ୍ୟୁତ୍ କର୍ମଚାରୀ

ଦିଗପହଣ୍ଡି,୨୨ା୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କଇଠଡା ଗ୍ରାମ ମୁଖ୍ୟରାସ୍ତା କଡ଼ରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟରେ ନିୟୋଜିତ ଥିବା ଗାଡ଼ି ଚାଳକଙ୍କ ଶୁକ୍ରବାର ହୃତ୍‌ଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ଥାନା ଆଙ୍କୋରଡ଼ା ଗ୍ରାମର ଏଲ୍. ପୁରୁଷୋତ୍ତମ ଦାସ। ଏହା ଜାଣିବା ପରେ ବିଦ୍ୟୁତ୍ କର୍ମଚାରୀ ମୃତଦେହ ଛାଡ଼ି ଚାଲି ଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କ୍ଷତିପୂରଣ ନଦେଲେ ଶନିବାର ଗ୍ରାମବାସୀ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି।ପ୍ରକାଶ ଯେ, ଏକ ବୋଲେରୋ ଦିଗପହଣ୍ଡି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ଲାଗିଥିବାବେଳେ ପୁରୁଷୋତ୍ତମ ଏହାକୁ ଚଳାଉଥିଲେ। ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟୁତ୍ କର୍ମଚାରୀ ଉକ୍ତ ଗାଡ଼ିରେ ବିଲ୍ ଆଦାୟ ପାଇଁ କଇଠଡା ଯାଇଥିଲେ। କର୍ମଚାରୀମାନେ ବୁଲି ବିଲ୍ ଆଦାୟ କରୁଥିବାବେଳେ ପୁରୁଷୋତ୍ତମ ଗଛମୂଳେ ଗାଡି ପାର୍କିଂ କରି ସେଥିରେ ବସିଥିଲେ। ସେଠାରେ ହୃଦ୍‌ଘାତ୍‌ରେ ତାଙ୍କର ମୃତ୍ୟୁ ହୋଇଥିଲା। କର୍ମଚାରୀମାନେ ଜାଣିବା ପରେ ଛାଡି ଚାଲିଆସିଥିଲେ। ଅପରାହ୍ନ ପ୍ରାୟ ୪ଟାରେ ପୁରୁଷୋତ୍ତମଙ୍କ ସାନଭାଇ ଏଲ୍. କହ୍ନେୟା ଖବର ପାଇ ଦିଗପହଣ୍ଡି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏ ସମ୍ପର୍କରେ ଦିଗପହଣ୍ଡି ସ୍ଥିତ ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. କାମା ସେଠୀ କହିଛନ୍ତି, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ଅପରପକ୍ଷରେ ସହକାରୀ ଯନ୍ତ୍ରୀ ଇଂ. ପ୍ରଶାନ୍ତ ପଟ୍ଟନାୟକ କହିଛନ୍ତି, ଗାଡି ମାଲିକଙ୍କୁ ଆମେ ସୂଚନା ଦେଇଥିଲୁ, ଭଡ଼ାଗାଡି ଯୋଗୁ ବିଭାଗ ପକ୍ଷରୁ କୌଣସି କ୍ଷତିପୂରଣ ବ୍ୟବସ୍ଥା ନାହିଁ। ଖବର ଲେଖାହେବା ସୁଦ୍ଧା ଗାଡ଼ି ଚାଳକଙ୍କ ମୃତଦେହ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଡି ରହିଛି। ଖେମୁଣ୍ଡି ଟ୍ୟାକ୍ସି ଚାଳକ ସଂଘ ସଭାପତି ଅଳକ ନାଥ ମିଶ୍ର କହିଛନ୍ତି, ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ନ ଦେଲେ ଗାଡି ଚାଳକ ସଂଘ ନେତୃତ୍ୱରେ ଆନ୍ଦୋଳନ କରାଯିବ।

# ପୀତାବଳି ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଫୁଲବାଣୀ ଅଫିସ/ଚକାପାଦ,୨୨ା୧



ଉଦ୍‌ଘାଟନୀ ମ୍ୟାଚରେ ଦୁଇ ଦଳର ଖେଳାଳୀଙ୍କ ମଧ୍ୟରେ ବିଶେଷ ମୂହୁର୍ତ୍ତ।

କନ୍ଧମାଳ ଜିଲା ଚକାପାଦ ବ୍ଲକ ପସରା ମିନି ଷ୍ଟାଡିୟମରେ ମା' ପୀତାବଳି ଭଲିବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନ ଅବସରରେ ୨ଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଫୁଲବାଣୀ ଏଗ୍ରିକଲଚର ଟିମ୍ ୨-୧ ସେଟରେ ବିପକ୍ଷ ବୁଢ଼ାମାହାକୁ ହରାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଲାଇନପଡା ଟିମ୍ ବିପକ୍ଷ ବାରଖମାକୁ ମଧ ୨-୧ ସେଟ୍‌ରେ ପରାସ୍ତ କରିଥିଲା। ଏଗ୍ରିକଲଚର ଟିମ୍ ଏବଂ ଲାଇନପଡା ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚକୁ ମୁଖ୍ୟଅତିଥି ଭାବେ ପସରା ସରପଞ୍ଚ ଅର୍ଚ୍ଚନା କୁମାରୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୀରେନ୍ଦ୍ର ନାୟକ, ଟୁର୍ଣ୍ଣାମେଣ୍ଟ ସଭାପତି ପ୍ରଦୀପ କୁମାର ପ୍ରଧାନ, ସମ୍ପାଦକ ଜଗଦୀଶ ପ୍ରସାଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ରେଫରୀ ଭାବେ ରଘୁ ବେହେରା ଖେଳ ପରିଚାଳନା କରିଥିଲେ। ସୁଜିତ କୁମାର ବେହେରା, ବିଦେଶୀ ନାୟକ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଦଳ ଅଂଶ ଗ୍ରହଣ କରିଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ

ODISHA ADARSHA VIDYALAYA
INSPIRE AND EMPOWER

ନ-୧/୯, ନୟାପଲ୍ଲୀ, ପୋଃ ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ଫୋନ ନଂ. ୦୬୭୪-୨୩୦୧୩୨୪, Email- info@oav.edu.in

### ବିଜ୍ଞାପନ

**No. n-33:-** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ **୨୦୨୧-୨୨** ଶିକ୍ଷାବର୍ଷ ପାଇଁ **୨୫୦** ଗୋଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/CoR ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା **୫୦** ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବ୍ୟାଧାୟୀ (Day Scholar) ଭାବରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ ।

ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ନାମ ଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡ଼ିବ ନାହିଁ । **ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୨୦.୦୨.୨୦୨୧।**

ଆଗ୍ରହୀ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ (ଯାହା ୱେବ୍‌ସାଇଟ୍‌ରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ/ଭାରପ୍ରାପ୍ତ ଅଧକ୍ଷଙ୍କ ନିକଟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । **ଉକ୍ତ ପ୍ରବେଶିକା ପରୀକ୍ଷା, ତା.୦୮.୦୩.୨୦୨୧ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ ।** ଏତଦ୍‌ବ୍ୟତୀତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନମାନଙ୍କରେ (category wise) ପାର୍ଶ୍ୱିକ ପ୍ରବେଶ (lateral entry)ର ମଧ ବ୍ୟବସ୍ଥା ରହିଛି । ଏହି ପାର୍ଶ୍ୱିକ ପ୍ରବେଶ ବା lateral entry ପାଇଁ ଫର୍ମ ମଧ ୱେବସାଇଟରେ ଉପଲବ୍ଧ ଅଛି । ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ **www.oav.edu.in**ରୁ ମିଳିପାରିବ। ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ । ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ଜାତିଗତ ପ୍ରମାଣପତ୍ର ସହ ଆବେଦନ କରିପାରିବେ । ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା **୨୫୦** ଗୋଟି ବିଦ୍ୟାଳୟର ତାଲିକା ୱେବସାଇଟ୍‌ରେ ଉପଲବ୍ଧ ଅଟେ । ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଅଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର **୫୦** ଗୋଟି ଆଦର୍ଶ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ରହିଥିବା ଆବାସିକ ବ୍ୟବସ୍ଥାର ତାଲିକା ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ । ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ ।

ସ୍ୱାକ୍ଷର
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

OIPR-27029/11/0003/2021

